## ସଂକ୍ଷେପରେ

### ଜୀବନ ନେଲା ଶିକାରୀ ବିଦ୍ୟୁତ୍ ଫାଶ

**ଢେଙ୍କାନାଳ ଅଫିସ,୬।୧୦:** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ରେଞ୍ଜ୍ ଖନ୍ଦା ଗ୍ରାମରେ ସୋମବାର ରାତିରେ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଲାଗି ସେହି ଗ୍ରାମର ସୁବାସ ଛତାରଙ୍କ ମୃତ୍ୟୁ ଘଟିଛି। ଘଟଣା ଜଣାପଡିବା ପରେ ବିଳମ୍ବିତ ରାତିରେ ବନବିଭାଗ ସେଠାରେ ଚଢ଼ାଉ କରି ବାର୍ହା ଶିକାର ପାଇଁ ତାର ବିଛାଇଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଉ ୬ ଜଣ ଫେରାର ଥିବା ଜଣାପଡିଛି। ଗିରଫ ୨ ଜଣ ହେଲେ ଅରୁଣ ସାହୁ ଓ ତ୍ରିନାଥ ସାହୁ। ଖସି ପଳାଇବାକୁ ଉଦ୍ୟମ କରି ତ୍ରିନାଥ ସାହୁ ତଳେପଡି ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ଓଆର୍ ୯୨-୨୦୨୦-୨୧ରେ ମାମଲା ରୁଜୁ କରାଯାଇଥିବା ସହକାରୀ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରୁ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ପରଜଙ୍ଗ ପୋଲିସ ଏବଂ ଏସ୍‌ପିଙ୍କୁ ଅଧିକ ତଦନ୍ତ ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଥିବା ଜଣାପଡିଛି।

### ଅନୁଗୋଳରୁ ୧୪୯ ସଂକ୍ରମିତ ଚିହ୍ନଟ

**ଅନୁଗୋଳ ଅଫିସ, ୬।୧୦:** ଅନୁଗୋଳ ଜିଲାରୁ ଗୋଟିଏ ଦିନରେ ୧୪୯ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୫ ହଜାର ୨୬୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ସର୍ବାଧିକ ୫୨ ଜଣ, କଣିହାଁ ବ୍ଲକରୁ ୨୧, ଅନୁଗୋଳ ପୌରାଞ୍ଚଳରୁ ୨୦, ତାଳଚେର ବ୍ଲକରୁ ୧୭, ଛେଣ୍ଡିପଦା ବ୍ଲକରୁ ୧୩, ତାଳଚେର ପୌରାଞ୍ଚଳରୁ ୧୦, କିଶୋରନଗର ବ୍ଲକରୁ ୮, ଅନୁଗୋଳ ବ୍ଲକରୁ ୭ ଓ ଆଠମଲ୍ଲିକ ବ୍ଲକରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୧୯୨ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୫ ଆକ୍ରାନ୍ତ, ୧୦୭ ସୁସ୍ଥ

**ଢେଙ୍କାନାଳ ଅଫିସ,୬।୧୦:** ଢେଙ୍କାନାଳ ଜିଲାରେ ମଙ୍ଗଳବାର ୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଢେଙ୍କାନାଳ ପୌରାଞ୍ଚଳରୁ ୩ଜଣ, କାମାକ୍ଷାନଗର ବ୍ଲକରେ ୧୨ଜଣ, ସଦର ବ୍ଲକରେ ୬, ପରଜଙ୍ଗ ବ୍ଲକରେ ୩, ଓଡ଼ାପଡ଼ା ବ୍ଲକରେ ୨, ଭୁବନ ବ୍ଲକରେ ୨ ଓ ଏନ୍‌ଏସିରେ ୨, ହିନ୍ଦୋଳ ବ୍ଲକରେ ୩, ଗଁଦିଆ ବ୍ଲକରେ ୩ ଜଣ ନୂଆ ସଂକ୍ରମିତ ରହିଛନ୍ତି। ସେମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି । ଏହାକୁ ମିଶାଇ ଜିଲାରେ ସମୁଦାୟ ପଜିଟିଭ୍‌ଙ୍କ ସଂଖ୍ୟା ୪,୦୮୯ରେ ପହଞ୍ଚିଛି। ସେହିପରି ଆଉ ୧୦୭ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ୩, ୫୪୫ ଜଣ ସୁସ୍ଥ ହୋଇଛନ୍ତି।

# ବଜାର ଖୋଲା, ବେପାର ମାନ୍ଦା

ପରିକ୍ଷିତ ସାହୁ, ବଇଣ୍ଡା,୬।୧୦

**ମାସ ମାସର ଲକ୍‌ଡାଉନ, ଶଟ୍‌ଡାଉନ ପରେ ବଜାରକୁ ଖୋଲିଦିଆଯାଇଛି। ବେପାର କରିବାରେ ଆଉ ସେପରି କିଛି କଡ଼ା କଟକଣା ନାହିଁ। କେବଳ ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ ନିୟମ ପାଳନ କରିବାର ନିର୍ଦ୍ଦେଶ ରହିଛି। କିନ୍ତୁ ସଂକ୍ରମଣ ବଢ଼ି ଚାଲିଥିବାରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ବଜାର ଆସିବାକୁ ଲୋକେ ଭୟ କରୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ଗ୍ରାହକମାନେ ବଜାରରୁ ଦୂରେଇ ଯାଉଛନ୍ତି। ସେମାନେ ଘରପାଖ ଦୋକାନ ଉପରେ ବେଶି ନିର୍ଭର କରୁଥିବାରୁ ଖୋଲା ଯାଇଥିବା ବଜାରରେ ବ୍ୟବସାୟ ମାନ୍ଦାବସ୍ଥାରେ ରହିଛି। ଫଳରେ ଅଧିକାଂଶ ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତି ସଂକଟ ଆଡ଼କୁ ଗତି କରୁଛି। ଏପରି କେତେଜଣ ବ୍ୟବସାୟୀଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**


ବଇଣ୍ଡା ବଜାର

- ■ସଂକ୍ରମଣ ଭୟ ଦୂରେଇ ଦେଉଛି ଗ୍ରାହକଙ୍କୁ
- ■ଅଧିକାଂଶ ଦୋକାନରେ ବେପାର ନାହିଁ
- ■ଗ୍ରାମାଞ୍ଚଳରୁ ଆସୁନାହାନ୍ତି ବହୁ ଖାଉଟି

### କ୍ଷତିରେ ଚାଲିଛି ପରିବା ବେପାର



କରୋନା କାରଣରୁ ପରିବା ଚାଷୀ ଓ ବେପାରୀ ବହୁ କ୍ଷତି ସହୁଛନ୍ତି। ପୂର୍ବରୁ ଲକ୍‌ଡାଉନ ବେଳେ ଖୁବ୍ କମ୍ ସମୟ ଦୋକାନ ବଜାର ଖୋଲା ରହୁଥିବାରୁ ବ୍ୟବସାୟ ବାଧାପ୍ରାପ୍ତ ହୋଇଥିଲା। କଟକଣାକୁ ଡରି ଚାଷୀମାନେ ବିଲରୁ ପରିବା ବଜାରକୁ ଆଣୁ ନ ଥିବାବେଳେ ଦୋକାନରେ ଥିବା ପରିବା ମଧ୍ୟ ପଚି ଯାଇଥିଲା। ଏବେ ବର୍ଷା ଯୋଗୁ ରୁ ଦର ବୃଦ୍ଧି ଘଟିଛି। ବାହାର ରାଜ୍ୟରୁ ଆସୁଥିବା ଆଳୁ, ପିଆଜ ମଧ୍ୟ କିଲୋ ପ୍ରତି ୪୦ ଟଙ୍କା ଉପରେ ରହୁଛି। ଏଣୁ ଚଢ଼ା ଦରରେ କିଣିବାକୁ ଖାଉଟି ପସନ୍ଦ କରୁନାହାନ୍ତି।

**–ସର୍ବେଶ୍ୱର ମହାପାତ୍ର, ପରିବା ବେପାରୀ, ବଇଣ୍ଡା**

### ଅଧିକ କ୍ଷତି ସହିଛନ୍ତି ସିଜନ ବେପାରୀ



କରୋନା କଟକଣା ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ସିଜନ ବେପାରୀ। ଏଯାଏ ଧର୍ମାନୁଷ୍ଠାନ ଖୋଲାଯାଇ ନାହିଁ କି ପର୍ବପର୍ବାଣି ଧୁମ୍‌ଧାମରେ ପାଳନ କରାଯିବାର ସୁଯୋଗ ମିଳିନାହିଁ। ତେଣୁ ରାଖୀ ପୂର୍ଣ୍ଣମୀଠାରୁ ଆରମ୍ଭ କରି ଖୁଦୁରୁକୁଣୀ, ଗଣେଶ, ବିଶ୍ୱକର୍ମା ପୂଜାରେ ଏହି ବେପାରୀମାନଙ୍କ ଆୟ ସେପରି ହୋଇନାହିଁ। ଆସୁଥିବା ଦୁର୍ଗାପୂଜାରେ ବେପାରର ଯେଉଁ ଆଶା ଥିଲା ତାହା ମଧ୍ୟ କଟକଣା ଯୋଗୁ ମଉଳି ଯିବାକୁ ବସିଛି।

**– ରାଜେନ୍ଦ୍ର ସାହୁ, ପୂଜା ସାମଗ୍ରୀ ବ୍ୟବସାୟୀ, ବଇଣ୍ଡା**

### ଦୋକାନ ଭଡ଼ା ଉଠୁନାହିଁ



ବ୍ୟବସାୟ କରିବା ଦିନଠାରୁ ବଜାରର ଏପରି ଭୟଙ୍କର ସ୍ଥିତି କେବେ ଦେଖିବାକୁ ମିଳି ନ ଥିଲା। କଟକଣା କୋହଳ ପରେ ବଜାର ୧୨ ଘଣ୍ଟାରୁ ଅଧିକ ଖୋଲା ରହୁଥିଲେ ବି ବେପାର ସେପରି ହେଉନାହିଁ। ବଜାରକୁ ଖୁବ୍ କମ୍ ଲୋକ ଆସୁଥିବା ବେଳେ ଆବଶ୍ୟକଠାରୁ ଅଧିକ ସାମଗ୍ରୀ ନେବାକୁ ସେମାନେ ଆଦୌ ଚାହୁଁନାହାନ୍ତି। ଧାର୍ମିକ ଓ ସାମାଜିକ ଉତ୍ସବ ପାଳନ ଉପରେ କଟକଣା ମଧ୍ୟ ବେପାର ନ ହେବାର ଅନ୍ୟ ଏକ କାରଣ। ତେଣୁ ଦୋକାନ ଭଡ଼ା ଦେବାକୁ ସଂଘର୍ଷ କରିବାକୁ ପଡୁଛି।

**–ସତ୍ୟନାରାୟଣ ପଟ୍ଟନାୟକ, ହୋଲ୍‌ସେଲର, ବଇଣ୍ଡା**

### ଲୁଗା ବ୍ୟବସାୟ ୬୦ ପ୍ରତିଶତ ହ୍ରାସ



ଲକ୍‌ଡାଉନ ଯୋଗୁ ୪ ମାସ ଧରି ଦୋକାନ ବନ୍ଦ ଥିଲା। ଫଳରେ ବାହାଘର ଋତୁରେ ବ୍ୟବସାୟରେ ବ୍ୟାପକ କ୍ଷତି ସହିବାକୁ ପଡ଼ିଲା। ବଜାର ସମ୍ପୂର୍ଣ୍ଣ ଖୋଲିଥିଲେ ବି ବସ୍ ଚଳାଚଳ ପୂର୍ବପରି ହେଉ ନ ଥିବାରୁ ଠିକ୍ ଭାବେ ମାଲ୍ ଆସିପାରୁ ନାହିଁ। ସ୍ୱତନ୍ତ୍ର ଗାଡ଼ି କରି ଜିଲା ବାହାରୁ ଆଣିବାକୁ ପଡୁଥିବାରୁ ଭଡ଼ା ଅଧିକ ପଡୁଛି। ସେହିପରି ମାଙ୍ଗଳିକ ଓ ଧାର୍ମିକ କାର୍ଯ୍ୟ ପୂର୍ବପରି ଆଡମ୍ବରରେ ହୋଇପାରୁନାହିଁ। ସେଥିପାଇଁ ପୋଷାକ ବ୍ୟବସାୟ ୬୦ ପ୍ରତିଶତ ହ୍ରାସ ପାଇଛି।

**– ସଂଗ୍ରାମ ସାହୁ, ଲୁଗା ବ୍ୟବସାୟୀ, ବଇଣ୍ଡା**

### ହୋଟେଲରେ ବଳକା ରହୁଛି ମିଲ୍



କରୋନା ପାଇଁ ଅନେକ ବ୍ୟବସାୟୀ ଦୟନୀୟ ଅବସ୍ଥାରେ ପହଞ୍ଚି ଯାଇଛନ୍ତି। ମାସ ମାସ ଧରି ବେପାର ବନ୍ଦ ସହ ଏବେକାର ମାନ୍ଦାବସ୍ଥା ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି। ଏଣେ ଦିନକୁ ଦିନ ସଂକ୍ରମଣ ବଢୁଥିବାରୁ ସରକାରୀ କଟକଣା ଅଧିକରୁ ଅଧିକ ଲୋକଙ୍କୁ ବଜାରକୁ ଆସିବାକୁ ଦେଉନାହିଁ। ବସ୍ ଚଳାଚଳ ମଧ୍ୟ ପୂର୍ବପରି ହେଉନାହିଁ। ଫଳରେ ହୋଟେଲ ଗୁଡ଼ିକରେ ମିଲ୍ ବଳକା ରହିଯାଉଛି।

**– ବସନ୍ତ କୁମାର ସାହୁ, ହୋଟେଲ ବ୍ୟବସାୟୀ, ବଇଣ୍ଡା**

### ବେପାର ବଦଳାଇ ଦେଇଛି



ବଜାରରେ ଥିବା ଚା' ଓ ପାନ ଦୋକାନ ଭଲ ଚାଲିଥିଲା। ସକାଳୁ ସନ୍ଧ୍ୟା ଯାଏ ଗହଳି ହେଉଥିଲା। ହେଲେ କରୋନା ପାଇଁ ଲକ୍‌ଡାଉନ୍ ଓ ପରେ ଚା' ପାନ ଦୋକାନ ଖୋଲା ଉପରେ ସରକାର କଟକଣା ଲଗାଇ ଦେଲେ। ଫଳରେ ପରିବାର ପ୍ରତିପୋଷଣ ପାଇଁ ବେପାର ବଦଳାଇବାକୁ ପଡ଼ିଲା। ଅଧିକ ଅର୍ଥ ନ ଥିବାରୁ ପରିବା ବ୍ୟବସାୟ କରି ଚଳିଯିବି ବୋଲି ଆଶା ବାନ୍ଧିଥିଲି। ହେଲେ ବର୍ତ୍ତମାନର ଚଢ଼ା ଦର ବ୍ୟବସାୟରେ ଆଗକୁ ବଢ଼ିବାକୁ ଦେଉନାହିଁ।

**–ମନୋରଞ୍ଜନ ପ୍ରଧାନ, ଚା' ଦୋକାନୀ, ବଇଣ୍ଡା**

### ଅପରାହ୍ନ ଯାଏ ଦୋକାନ ଖୋଲିବାକୁ ପ୍ରସ୍ତାବ

ଅନୁଗୋଳ ଅଫିସ, ୬।୧୦

ଅନୁଗୋଳ ଜିଲା ପ୍ରଶାସନର ବିଭିନ୍ନ ପଦକ୍ଷେପ ସତ୍ତ୍ୱେ କରୋନା ସଂକ୍ରମଣ ହ୍ରାସ ପାଉନାହିଁ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୭ ତାରିଖରୁ ୧୭ ଯାଏ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲାଯାଉ ବୋଲି ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅନୁଗୋଳ(ଏଡିସିସିଆଇ) ପକ୍ଷରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନୁଗୋଳ କେନ୍ଦ୍ରୀୟ ପୂଜା କମିଟି ମଧ୍ୟ ଏହାକୁ ସମର୍ଥନ କରିଛି। ଏଡିସିସିଆଇ ପକ୍ଷରୁ କୁହାଯାଇଛି ଯେ, ସନ୍ଧ୍ୟା ସମୟରେ ବିଭିନ୍ନ ଛକରେ ଚା ଦୋକାନୀ ପସରା ମେଲାଉଛନ୍ତି। ଫଳରେ ଲୋକମାନେ ରୁଣ୍ଡ ହେଉଥିବାରୁ ସାମାଜିକ ଦୂରତ୍ୱ ରକ୍ଷା ହୋଇପାରୁ ନାହିଁ। ଅପରାହ୍ନରେ ପୋଲିସ ପାଟ୍ରୋଲିଂ ଓ ଚେକିଂ କରୁ ନ ଥିବାରୁ ଲୋକମାନେ ବିନା ମାସ୍କରେ ଚଳପ୍ରଚଳ କରୁଥିବା ବଣିକ ସଂଘ ସାଧାରଣ ସମ୍ପାଦକ ନୀଳାଞ୍ଚଳ ପ୍ରଧାନ ଉଲ୍ଲେଖ କରିଛନ୍ତି। କେନ୍ଦ୍ରୀୟ ପୂଜା କମିଟି ସଭାପତି ଅକ୍ଷୟ କୁମାର ସାମନ୍ତ, ସାଧାରଣ ସମ୍ପାଦକ ଦିଲୀପ କୁମାର ପ୍ରଧାନ, କୈଳାସ ପ୍ରଧାନ, ରଞ୍ଜନ ପ୍ରଧାନ, ସୁନୀଲ କୁମାର ସାହୁ, ପ୍ରଦୀପ କୁମାର ବାରିକ ପ୍ରମୁଖ ଏହାକୁ ସମର୍ଥନ କରିଛନ୍ତି।

### ପୂର୍ବଶତ୍ରୁତାରୁ ଆକ୍ରମଣ

**ଅନୁଗୋଳ ଅଫିସ, ୬।୧୦:** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନୁଗୋଳ ସହରର ଶିମିଳିପଡ଼ାଠାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶିମିଳିପଡ଼ାର କମଳ ଲୋଚନ ବେହେରା ପଞ୍ଚମହଲାରେ ଥିବା ଏକ ଶୋ ରୁମ୍‌ରେ କାମ କରନ୍ତି। ଗତ ସୋମବାର ରାତି ୧୧ଟାରେ କମଳ ଘରକୁ ଫେରୁଥିବାବେଳେ ୨ ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଣିହାଁ, ୬।୧୦(ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ପଦଯାତ୍ରାରେ ବାହାରିଥିବା ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନସିନ୍ଦୋଲ ଗ୍ରାମର ସତ୍ୟବ୍ରତ ଦାସ(୩୦) ମଙ୍ଗଳବାର ଅନୁଗୋଳ ଜିଲା କଣିହାଁ ବ୍ଲକରେ ପହଞ୍ଚିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏବିଡିଓ ବିଜୟ କୁମାର ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶାର ଉନ୍ନତି ସହ ସମସ୍ତ ଜନସାଧାରଣଙ୍କୁ ମୌଳିକ ସୁବିଧା ପ୍ରଦାନ ଲକ୍ଷ୍ୟରେ ସେ ଏହି ପଦଯାତ୍ରାରେ ବାହାରିଥିବା ପ୍ରକାଶ କରିଛନ୍ତି। ୨୦୧୯ ଜୁଲାଇ ୧୦ ତାରିଖରୁ ସେ ଯାଜପୁର ଜିଲା ବଡଚଣା ବ୍ଲକରୁ ଆରମ୍ଭ କରିଥିବା ପଦଯାତ୍ରାରେ ମୋଟ୍ ୨୫ ଜିଲା ଅତିକ୍ରମ କରିଛନ୍ତି। କଣିହାଁକୁ ମିଶାଇ ମୋଟ୍ ୨୫୦ଟି ବ୍ଲକ କାର୍ଯ୍ୟାଳୟରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।


ଏବିଡିଓ ବିଜୟ କୁମାର ମେହେରଙ୍କୁ ସତ୍ୟବ୍ରତ ଦାବିପତ୍ର ପ୍ରଦାନ କରୁଛନ୍ତି।

### ୫ ମଦ ବେପାରୀ ଗିରଫ

ଆଠମଲ୍ଲିକ, ୬।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝାଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଙ୍ଗଳବାର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୪୨ ଲିଟର ମଦ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଓଳଥ ଗ୍ରାମର ଅମର ପ୍ରଧାନ, ପତାକାର ବିକ୍ରମ ନାଏକ, ହିଁସେଇର ଛାମୁ ରଣା, ଟାଇଁସରର କୁନ୍ଦ ମହାକୁଡ଼, ଜହ୍ନିମୁଣ୍ଡା ଗ୍ରାମର ଶୂନ୍ୟବାସୀ ଗୁରୁ। ଅବକାରୀ ଉପ-ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଆରକ୍ଷୀ ମନୋଜ ବେହେରା, ବବଲୁ ଦେହୁରୀ, ସୌମ୍ୟା ସେଠୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

**BANK JOB**
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact:
9337286709, 7653067426

**VACANCY**
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

THE ANGUL UNITED CENTRAL CO-OPERATIVE BANK LTD., ANGUL
(Regd. No.9/D., Dated 08.10.1956)
At/P.O.: ANGUL, Dist.-ANGUL, ODISHA
Email ID:auccbank@rediffmail.com
06764-233116(Off.), 06764-233117 (Fax)
No.2983 Date:05.10.2020
TENDER NOTICE
Sealed quotations are invited from the intended suppliers having registration certificate of GST towards print & supply of different Saleable & Non-Saleable items to our Bank. The interested suppliers are requested to submit the quotations to the undersigned by dt. 20.10.2020 by Registered Post/ Speed Post positively. Further, the undersigned reserves the right to modify, accept or reject the quotation without assigning any reason thereof. The quotations will be opened on dt.21.10.2020 at 03.30 P.M. in the Conference Hall of the Bank in the presence of the Purchase Committee Members.
The detailed items of saleable & non-saleable & other terms & conditions may be collected from office during office hour in all working days or may be obtained by Email on request to our Email i.e. auccbank@rediffmail.com.
Sd./- Secretary
The Angul U.C.C. Bank Ltd., Angul

# ଘଣ୍ଟ ପିଟିଲେ ନିଦ ଭାଙ୍ଗିବ

ବଅଁରପାଳ, ୬।୧୦(ଉପେନ୍ଦ୍ର ରାଉତ)

୭ ମାସ ହେଲା ମନ୍ଦିରରେ ଦିଅଁ ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ କରାଯାଇଛି। କେତେ ଓଷା, ବାର, ପୂର୍ଣ୍ଣମୀ, ସଂକ୍ରାନ୍ତି ଗଲାଣି। ଦେବାଳୟ ଆସିବାକୁ ଶ୍ରଦ୍ଧାଳୁ ମଧ୍ୟ ବ୍ୟସ୍ତ ହେଲେଣି। ସଂକ୍ରମଣ ରୋକିହେଉ ନ ଥିଲେ ବି ସରକାର କଟକଣା କୋହଳ କରି ବଜାରକୁ ସମ୍ପୂର୍ଣ୍ଣ ଖୋଲି ଦେଇଛନ୍ତି। କିନ୍ତୁ ଭକ୍ତଙ୍କ ପାଇଁ ମନ୍ଦିରରୁ ତାଲା ଫିଟାଇବାକୁ ଅନୁମତି ଦେଉନାହାନ୍ତି। ଦାନ, ଦକ୍ଷିଣା ବିନା ପୂଜକ, ସେବାୟତ ପରିବାର କିପରି ଚଳୁଛନ୍ତି ତାହା ମଧ୍ୟ ବୁଝୁନାହାନ୍ତି। ବାରମ୍ବାର ଅନୁରୋଧ ପରେ ପଦକ୍ଷେପ ନିଆଯାଉ ନ ଥିବାରୁ ଏବେ ମନ୍ଦିର ସମ୍ମୁଖରେ ଘଣ୍ଟ ବାଡ଼େଇ ଆନ୍ଦୋଳନ କରିବାକୁ ଓଡ଼ିଶା ମନ୍ଦିର ସେବାୟତ ସଂଘ ଯେଉଁ ନିଷ୍ପତ୍ତି ନେଇଛି ତାହାକୁ ସମର୍ଥନ କରୁଛୁ। ଘଣ୍ଟ ପିଟି ସରକାରଙ୍କ ନିଦ ଭାଙ୍ଗିବୁ ବୋଲି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳର କେତେଜଣ ସେବାୟତ ଓ ପୂଜକ କହିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ବଅଁରପାଳ ବ୍ଲକ ଅଞ୍ଚଳରେ ଏକ ହଜାରରୁ ଅଧିକ ମନ୍ଦିର ରହିଛି। ସେଥିରୁ ବଅଁରପାଳର ପଞ୍ଚଶ୍ରୀକ୍ଷେତ୍ର, ନାଲ୍‌କୋର ଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର, ତଳମୂଳ ଅଷ୍ଟଶମ୍ଭୁ ମନ୍ଦିର, ମହୀଧରପୁର ଶିବ ମନ୍ଦିର, ସନ୍ତ୍ରୀର ଲୋଭୀ ଠାକୁରାଣୀ, ବୁଢ଼ାପଙ୍କର ଶିବ ମନ୍ଦିର, ନୂଆହତାର ଶିବ ମନ୍ଦିର, କାଣ୍ଡସର ଶିବ ମନ୍ଦିର, କୁଲାଡ଼ କପିଳେଶ୍ୱର ମନ୍ଦିର, କୁରୁଡୋଲ ମନ୍ଦିର, ତଳମୂଳର ଦୁର୍ଗା ମାଧବ ମନ୍ଦିର, ବଳରାମପ୍ରସାଦର ଶୈବପୀଠ ଆଦି ଜଣାଶୁଣା। ଏଠାକୁ ଦୈନିକ ଆଖପାଖ ଅଞ୍ଚଳର ବହୁ ଭକ୍ତ ଆସନ୍ତି। କେତେବେଳେ କିଏ ମେଳା ତ ଆଉକିଏ ଅନ୍ୟ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରାଇଥାନ୍ତି। ତେଣୁ ଏଥିରୁ ପୂଜକ, ସେବାୟତମାନଙ୍କୁ ଭଲ ଦାନ ଦକ୍ଷିଣା ମିଳିଥାଏ। କିନ୍ତୁ କରୋନା ସଂକ୍ରମଣ ପରଠାରୁ ୭ ମାସ ହେଲା ମନ୍ଦିର ଭକ୍ତଙ୍କ ପାଇଁ ବନ୍ଦ ରଖାଯାଇଥିବାରୁ ପୂଜକମାନଙ୍କ ଆୟ ବନ୍ଦ ହୋଇଯାଇଛି। ସେମାନେ ଅତି କଷ୍ଟରେ ପରିବାର ଚଳାଉଛନ୍ତି। ତେଣୁ ଆଉ ଅଧିକ ଦିନ ଅପେକ୍ଷା ନ କରାଇ ସରକାର ମନ୍ଦିର ଖୋଲିବାକୁ ଅନୁମତି ଦିଅନ୍ତୁ ବୋଲି ପୂଜକମାନେ ଦାବି କରିଛନ୍ତି।


ନାଲ୍‌କୋର ତାରିଣୀ ମନ୍ଦିରରେ ତାଲା ଝୁଲୁଛି।

- ■୭ ମାସ ହେଲା ଭକ୍ତଙ୍କ ପାଇଁ ଖୋଲୁନି ମନ୍ଦିର
- ■ଦାନ ଦକ୍ଷିଣା ହରାଇ ଅର୍ଥ ସଂକଟରେ ପୂଜକ ପରିବାର
- ■ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ ନିଷ୍ପତ୍ତି

### ଆନ୍ଦୋଳନକୁ ସମର୍ଥନ କରିବୁ



କରୋନା ସଂକ୍ରମଣ ଆରମ୍ଭ ଦିନଠାରୁ ଭକ୍ତଙ୍କ ପାଇଁ ମନ୍ଦିର ଦ୍ୱାର ବନ୍ଦ ରହିଛି। ଫଳରେ ଦାନ ଦକ୍ଷିଣା ଯାହା ମିଳୁଥିଲା ସେତକ ନାହିଁ। ପରିବାର କେମିତି ଚଳାଉଛୁ ତାହା କେବଳ ଆମେ ହିଁ ଜାଣିଛୁ। ତେଣୁ ହେଉଥିବା ଆନ୍ଦୋଳନକୁ ସମର୍ଥନ କରିବୁ ଓ ମନ୍ଦିର ସମ୍ମୁଖରେ ଘଣ୍ଟ ବାଡେଇବୁ।

**–ଚେଣ୍ଡାଳ ମହାପାତ୍ର, ପୂଜକ, କୁଲାଡ଼ ମଙ୍ଗଳା ମନ୍ଦିର**

### ସରକାର ବିଚାର କରନ୍ତୁ



ସଂକ୍ରମଣ ନ ବଢ଼ିବାକୁ ସରକାର ଯେତେସବୁ କଟକଣା ଲଗାଇଥିଲେ ତାହାକୁ ପାଳନ କରୁଛୁ। ହେଲେ ସଂକ୍ରମଣ ରୋକିହେଲାନି କି ଏଯାଏ ମନ୍ଦିର ଦ୍ୱାର ଖୋଲାଗଲାନି। ଆଉ କେତେଦିନ ଭୋକ ଓପାସରେ ଆମେ ପରିବାରକୁ ରଖିବୁ। ସରକାର ବିଚାର ନ କଲେ ଘଣ୍ଟ ପିଟି ଆନ୍ଦୋଳନ ଜାରି ରଖିବୁ।

**–ଅଶୋକ ଦାସ, ପୂଜକ, ପଞ୍ଚଶ୍ରୀକ୍ଷେତ୍ର**

### ଜୀବିକା କଥା ବୁଝୁଛି କିଏ



ସମସ୍ତଙ୍କର କିଛି ନା କିଛି ଜୀବିକା ରହିଛି। ହେଲେ ଆମ ଜୀବନ ଜୀବିକା କଥା ଯେପରି ସରକାର ପାସୋରି ଦେଇଛନ୍ତି। ବଜାର ସକାଳୁ ସନ୍ଧ୍ୟା ଯାଏ ଖୋଲା ଯାଇଥିଲେ ବି ମନ୍ଦିରକୁ କାହିଁକି ବନ୍ଦ ରଖାଯାଉଛି ତାହାର କାରଣ ବୁଝାପଡୁନି।

**–ଦୁଃଖବନ୍ଧୁ ମହାରଣା, ପୂଜକ, ନୂଆହତା ଶିବମନ୍ଦିର**

### ପେଟ ପାଇଁ ଆନ୍ଦୋଳନ



ପୂଜକମାନଙ୍କ ରୋଜଗାର କେତେ ତାହା ସମସ୍ତଙ୍କୁ ଜଣା। ଦାନ ଦକ୍ଷିଣା ଗଣ୍ଡେ ନ ମିଳିଲେ ପରିବାର ଓପାସରେ ରହିବେ। ତଥାପି ୭ ମାସ ଅପେକ୍ଷା କଲୁଣି। ସରକାର ଏମିତି ହତାଦର କରିବା ଅସହ୍ୟ ହୋଇପଡ଼ିଲାଣି। ତେଣୁ ପେଟ ପାଇଁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ।

**–ଭିକାରୀ ବେହେରା, ପୂଜକ, ବଅଁରପାଳ ହିଙ୍ଗୁଳା ମନ୍ଦିର**

**ବିଜ୍ଞାପନ**
No.D-72:-
ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
ନାମ- ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଳ ନଂ.-୫୭୮
ପିତା- ଜଗଦୀଶ ଛତ୍ରିଆ
ଗ୍ରାମ- ମୁଖିଗୁଡ଼ା
ପୋ.- ମୁଖିଗୁଡ଼ା
ଥାନା- ଜୟପାଟଣା
ଜିଲ୍ଲା- କଳାହାଣ୍ଡି
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ନଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12029/11/0015/2021

